# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 07th September - 2025

*******************************

*Sambalpur/R*

## ଶିଳ୍ପ କରିଡର

ପୂର୍ବ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଏକ ଶିଳ୍ପ କରିଡରର ବ୍ୟବସ୍ଥା କରାଯିବ । ପାରାଦ୍ୱୀପରୁ ସମ୍ବଲପୁର ଦେଇ ରାଉରକେଲା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶିଳ୍ପ କରିଡର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା ରହିଛି । ଏଥିରେ ହୀରାକୁଦ ଜଳଭଣ୍ଡାର, ଦେବ୍ରିଗଡ଼, ମା’ ସମଲେଶ୍ୱରୀ ମନ୍ଦିର ଏବଂ ହରିଶଙ୍କର ନୃସିଂହନାଥ ପୀଠକୁ ବିକଶିତ କରାଯିବ ।

***Voice (CM)*** :...........

***BBSR/R***

## ସାର ଯୋଗାଣ – ସମୀକ୍ଷା

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟରେ ଶୃଙ୍ଖଳିତ ସାର ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି ।

ଆସନ୍ତା ଖରିଫ୍ ଋତୁ ପୂର୍ବରୁ ମାର୍କଫେଡ୍ ଅଧୀନରେ ଥିବା ଗୋଦାମଗୁଡ଼ିକର କ୍ଷମତା ବୃଦ୍ଧିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତ ମାସରେ ମୋଟ୍ ୮୦ ହଜାର ୧୪ ମେଟ୍ରିକ୍ ଟନ୍ ୟୁରିଆ ସାର ଚାଷୀମାନଙ୍କୁ ଯୋଗାଇ ଦିଆଯିବ ।

***Desk***

# ବିବାଦୀୟ ରଥଯାତ୍ରା

ମହାପ୍ରଭୁଙ୍କ ନବଦିନାତ୍ମକ ରଥଯାତ୍ରା ଅନାଦିକାଳରୁ କେବଳ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଆସୁଛି । ତେବେ ଗତ ୫୦ ବର୍ଷ ଧରି ଇସ୍କନ୍ ପକ୍ଷରୁ ଏହି ପରମ୍ପରାକୁ ଉଲ୍ଲଙ୍ଘନ କରାଯାଇ ଦେଶ ବିଦେଶର ବିଭନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରାର ଆୟୋଜନ କରାଯାଉଛି । ଏନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଏନେଇ ଆସନ୍ତା ୧ ମାସ ଭିତରେ ଆବଶ୍ୟକ ପଦକ୍ଷେପ ନେବାକୁ ଇସ୍କନ୍‌କୁ ଅନୁରୋଧ କରାଯାଇଛି । ଯଦି ଏହି ମାମଲାର ସମାଧାନ ନ ହୁଏ, ତେବେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଗତପତି ମହାରାଜା କହିଛନ୍ତି । ସୂଚନା ଅନୁସାରେ ରାଜ୍ୟ ଅତିଥି ଭବନରେ ଗତକାଲି ଏ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ସାମ୍ବାଦିତ ସମ୍ମିଳନୀ ଆୟୋଜିତ ହୋଇଥିଲା ।

*Puri/R*

# ଶ୍ରୀମନ୍ଦିର - ସ୍ୱତନ୍ତ୍ର ନୀତିକାନ୍ତି

ଚଳିତ ବର୍ଷର ଅନ୍ତିମ ଚନ୍ଦ୍ରଗ୍ରହଣ ଆଜି ହେବାକୁ ଯାଉଛି । ଭାରତୀୟ ସମୟ ଅନୁଯାୟୀ ଆଜି ରାତି ୯ଟା ୫୮ ମିନିଟ୍‌ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତି ଗୋଟାଏ ୨୬ ମିନିଟ୍‌ରେ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ମତ ଦେଇଛନ୍ତି । ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ପୁରୀ ଶ୍ରୀମନ୍ଦିରରେ ଆଜି ସଅଳ ନୀତିକାନ୍ତି ଅନୁଷ୍ଠିତ ହେଉଛି । ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ସହ ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଶେଷ ହେବାପରେ ଦେବନୀତି ବନ୍ଦ କରାଯିବ ।

***BBSR/R***

# ସାଇନ୍ସ ସିଟି

ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପାଇଁ ପ୍ରକ୍ରିୟା ଜାରି ରହିଛି । ଭୁବନେଶ୍ୱରରେ ୧୦୦ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଏବଂ ଗବେଷଣା ସୁବିଧା ସହ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍‌ଭାବନକୁ ପ୍ରୋତ୍ସାହନ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

*Cuttack/R*

# ସଡ଼କ ସୁରକ୍ଷା - ଯାଞ୍ଚ୍

ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗତ ୩ ଦିନ ଧରି ରାଜ୍ୟବ୍ୟାପୀ ଯାଞ୍ଚ୍ ଜାରି ରହିଛି । ଏହି ସମୟରେ ୪୦୦ରୁ ଊର୍ଦ୍ଧ୍ୱ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ କରାଯାଇଛି । ସେହିଭଳି ୫୬ ଲକ୍ଷ ୩୭ ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି ।

*Desk*

# ସ୍ୱତନ୍ତ୍ର ଓ.ଟି.ଇ.ଟି.

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓ.ଟି.ଇ.ଟି. ଆସନ୍ତା ୨୭ ତାରିଖରେ ୨ଟି ଅଧିବେଶନରେ ଅନୁଷ୍ଠିତ ହେବ । ଏଥିନିମନ୍ତେ ବୋର୍ଡ଼ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ପରୀକ୍ଷାର୍ଥୀମାନେ ଆସନ୍ତା ୧୭ ତାରିଖରୁ ପ୍ରବେଶ ପତ୍ର ବୋର୍ଡ଼ ୱେବ୍‌ସାଇଟ୍ www.bseodisha.ac.inରୁ ଡାଉନ୍‌ଲୋଡ୍ କରିପାରିବେ ।

*Malkangiri/R*

# ଆଦି କର୍ମଯୋଗୀ ଶିବିର

ମାଲକାନଗିରି ଆଇ.ଟି.ଡି.ଏ. ସଭାଗୃହରେ ଏକ ତିନିଦିନିଆ ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନ ଉତ୍ସବରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ବିଭିନ୍ନ ଅଧିକାରୀମାନେ ତାଲିମ ଗ୍ରହଣ କରିଥିଲେ ।

*Kendrapara/R*

# ସ୍ୱାସ୍ଥ୍ୟ ମିଶନ ବୈଠକ

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

*Nuapada/R*

# ରାଜସ୍ୱ ଅଧିକାରୀ - ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ରାଜସ୍ୱ ଅଧିକାରୀମାନଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀ

ଦାସ ନୂଆପଡ଼ା ଜିଲ୍ଲାକୁ ପ୍ରବାସୀ ଶ୍ରମିକମୁକ୍ତ କରିବା, ସ୍ୱଚ୍ଛତା ଅଭିଯାନ ଓ ଚାରାରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

***Malkangiri/R***

## ଜିଲ୍ଲାପାଳ - ସମୀକ୍ଷା

ମାଲକାନଗିରି ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମୀକ୍ଷା କରିଛନ୍ତି । ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଉନ୍ନତୀକରଣ ନିମନ୍ତେ ପରିଷଦର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

***Met. O.***

## ପାଣିପାଗ

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****